# NATIONAL NEWS BULLETIN (ODIA)
## 30 November - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ଓଡ଼ିଶାର ଭୁବନେଶ୍ୱରରେ ଚାଲିଥିବା ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀର ଦ୍ୱିତୀୟ ଦିନରେ ଯୋଗଦେଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଦେଶରେ ସାପ କାମୁଡ଼ା ଜନିତ ମୃତ୍ୟୁକୁ ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଜାତୀୟ କାର୍ଯ୍ୟ ଯୋଜନା ଆରମ୍ଭ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିଷ୍ପତ୍ତି ।
- ମହାରାଷ୍ଟ୍ରରେ ଅନୁଷ୍ଠିତ ଭାରତୀୟ ସେନା ଓ ସିଙ୍ଗାପୁର ଆର୍ମଣ୍ଡ ଫୋର୍ସ୍‌ର ମିଳିତ ସମରାଭ୍ୟାସ ଅଗ୍ନି ଓ୍ୱାରିୟର୍ ୨୦୨୪ ଉଦ୍‌ଯାପିତ ।
- ସାମୁଦ୍ରିକ ଝଡ଼ 'ପେଞ୍ଜାଲ୍' ପୁଡୁଚେରୀ ଠାରେ ଆଜି ରାତିରେ ସ୍ଥଳ ଭାଗ ଛୁଇଁବାର ସମ୍ଭାବନା ।

ଏବଂ

- ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ୧୯ ବର୍ଷରୁ କମ୍ ଏସିଆ କପ୍ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ଏ ମ୍ୟାଚ୍‌ରେ ଭାରତକୁ ୪୩ ରନ୍‌ରେ ପରାସ୍ତ କଲା ପାକିସ୍ତାନ ।

## ପିଏମ୍-ଡିଜିପି ଆଇଜିପି କନଫରେନ୍ସ

ଓଡ଼ିଶାର ଭୁବନେଶ୍ୱରରେ ଚାଲିଥିବା ସର୍ବଭାରତୀୟ ପୁଲିସ ମହାନିର୍ଦ୍ଦେଶକଙ୍କ ସମ୍ମିଳନୀର ଦ୍ୱିତୀୟ ଦିନରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇଛନ୍ତି। ସମ୍ମିଳନୀରେ ଆଜି ଦେଶର ଆଭ୍ୟନ୍ତରୀଣ ସୁରକ୍ଷା, ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ବିଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ବରିଷ୍ଠ ପୁଲିସ ଅଧିକାରୀଗଣ ସେମାନଙ୍କର ମତ ପ୍ରଧାନମନ୍ତ୍ରୀଙ୍କ ଉପସ୍ଥିତିରେ ବୈଠକରେ ଉପସ୍ଥାପନ କରିଛନ୍ତି। ଆତଙ୍କବାଦ, ବାମପନ୍ଥୀ ଉଗ୍ରବାଦର ମୁକାବିଲା, ସାଇବର ସୁରକ୍ଷା, ବେଆଇନ ଅନୁପ୍ରବେଶ, ଶରଣାର୍ଥୀ ସମସ୍ୟାର ସମାଧାନ, ନିଶା କାରବାର ରୋକିବା, ମହିଳାଙ୍କ ବିରୁଦ୍ଧରେ ହିଂସା, ନୂଆ ଅପରାଧିକ ଆଇନର କାର୍ଯ୍ୟକାରିତା ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ବିସ୍ତୃତ ଆଲୋଚନା ଚାଲିଛି। ପରିବର୍ତ୍ତିତ ପରିସ୍ଥିତିକୁ ଦୃଷ୍ଟିରେ ରଖି ସମସ୍ୟାର ମୁକାବିଲା ଦିଗରେ ଭବିଷ୍ୟତ କାର୍ଯ୍ୟପନ୍ଥା ନେଇ ବିସ୍ତୃତ ଚିଠା ପ୍ରସ୍ତୁତ ହେବାର ସମ୍ଭାବନା ରହିଛି। ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ପ୍ରମୁଖ ଯୋଗ ଦେଇଛନ୍ତି। ଏହି ତିନିଦିନିଆ ସମ୍ମିଳନୀ

ଆସନ୍ତାକାଲି ଉଦ୍‌ଯାପିତ ହେବ । ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଗତକାଲି ଏହି ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ ।

ସୂଚନାଯୋଗ୍ୟ, ସମ୍ମିଳନୀ ତଥା ଅନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ତିନିଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି ।

## ଗଭ୍-ସ୍ନେକ୍ ବାଇଟ୍

ସାପ କାମୁଡ଼ା ମାମଲା ଏବଂ ଏଥିରେ ହେଉଥିବା ମୃତ୍ୟୁକୁ ନୋଟିଫାଏବୁଲ୍ ଡିଜିଜ୍ ଭାବେ ପରିଗଣନା କରିବାକୁ  କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ସରକାରଙ୍କୁ  ନିର୍ଦ୍ଦେଶ ଦେଇଛି । ଏ ନେଇ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ବିଭାଗୀୟ ପ୍ରମୁଖ ସଚିବ ଏବଂ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟ ସଲିଳା ଶ୍ରୀବାସ୍ତବ କହିଛନ୍ତି, ସାପ କାମୁଡ଼ା ଜନସ୍ୱାସ୍ଥ୍ୟ  ବିଭାଗ ପାଇଁ ଏକ ଚିନ୍ତାଜନକ ବିଷୟ ହୋଇପଡ଼ିଛି । ବିଶେଷ କରି କୃଷକ ଓ ଆଦିବାସୀଙ୍କ ମଧ୍ୟରେ ସାପ କାମୁଡ଼ା ମୃତ୍ୟୁ, ଅସୁସ୍ଥତା ଓ ଏଥିନେଇ ହେଉଥିବା ଅକରମଣ୍ୟର କାରଣ ହୋଇପାରେ ବୋଲି ସେ ଉଲ୍ଲେଖ କରିଛନ୍ତି । ଆସନ୍ତା ୨୦୩୦ ସୁଦ୍ଧା ସାପ କାମୁଡ଼ା ଜନିତ ମୃତ୍ୟୁକୁ ୫୦ ପ୍ରତିଶତ ହ୍ରାସ କରିବା ପାଇଁ ସାପ କାମୁଡ଼ା ନିରୋଧ ଏବଂ ନିୟନ୍ତ୍ରଣ ପାଇଁ ଜାତୀୟ କାର୍ଯ୍ୟ ଯୋଜନା ଆରମ୍ଭ କରିବାକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ, ଅନ୍ୟ ବିଭାଗ ଏବଂ ଅଂଶିଦାରମାନଙ୍କୁ ପରାମର୍ଶ ଦେଇଛି । ଏହି ଜାତୀୟ କାର୍ଯ୍ୟ

ଯୋଜନା କାର୍ଯ୍ୟକ୍ଷମ ହେଲେ ଦେଶରେ ସାପ କାମୁଡ଼ା ମାମଲା ଏବଂ ଏଥି ଜନିତ ହେଉଥିବା ପ୍ରାଣହାନୀକୁ ବହୁମାତ୍ରାରେ ରୋକାଯାଇ ପାରିବ ବୋଲି ସେ କହିଛନ୍ତି ।

## ଆଇ.ଏନ୍.ଏସ୍.-ବିକ୍ରମାଦିତ୍ୟ

ଆଇ.ଏନ୍.ଏସ୍. ବିକ୍ରମାଦିତ୍ୟର ମରାମତି ଏବଂ ଡକିଂ ପାଇଁ ପ୍ରତିରକ୍ଷା ମନ୍ତ୍ରଣଶଳୟ ୧୨୦୦ କୋଟିରୁ ଅଧିକ ଟଙ୍କା ବ୍ୟୟରେ କୋଚିଂ ସିପ୍‌ୟାଡ୍ ଲିମିଟେଡ୍ ସହ ଏକ ଚୁକ୍ତିନାମା ସ୍ୱାକ୍ଷରିତ କରିଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଦେଶର ଶିଳ୍ପ ଇକୋ ସିଷ୍ଟମ୍‌କୁ ପ୍ରୋତ୍ସାହନ ଦେବା ପାଇଁ କୋଚିଂ ସିପ୍‌ୟାଡ୍ ଲିମିଟେଡ୍‌କୁ ରକ୍ଷଣାବେକ୍ଷଣ, ମରାମତି ଏବଂ ପୋତାଶ୍ରୟ ଭାବରେ ବିକଶିତ କରିବା ଦିଗରେ ଏହି ପ୍ରକଳ୍ପ କାର୍ଯ୍ୟ କରିବ । ଆଇ.ଏନ୍.ଏସ୍. ବିକ୍ରମାଦିତ୍ୟ ଗତ ନଭେମ୍ବର ୨୦୧୩ ମସିହାରେ ଭାରତୀୟ ନୌସେନାରେ ଯୁଦ୍ଧ ଜାହାଜ ଭାବେ ନିୟୋଜିତ ହୋଇଥିଲା । ଏହାର ସମ୍ପୂର୍ଣ୍ଣ ମରାମତି ହେବା ପରେ ଏହି ଯୁଦ୍ଧ ଜାହାଜ ନୌସେନାରେ ସକ୍ରିୟ ଭାବେ କାର୍ଯ୍ୟ କରିବ ।

# ଇଣ୍ଡିଆ-ସିଙ୍ଗାପୁର

ମହାରାଷ୍ଟ୍ରର ଦେବଲାଲି ଠାରେ ଭାରତୀୟ ସେନା ଏବଂ  ସିଙ୍ଗାପୁର ଆର୍ମଣ୍ଡ ଫୋର୍ସ୍‌ର ମିଳିତ ସମରାଭ୍ୟାସ ଅଗ୍ନିଓ୍ୱାରିୟର୍ ୨୦୨୪ ଉଦ୍‌ଯାପିତ ହୋଇଛି । ତିନିଦିନ ବ୍ୟାପି ଅନୁଷ୍ଠିତ ହୋଇଥିବା ଏହି ସମରାଭ୍ୟାସ ଗତ ୨୮ ତାରିଖରେ ଆରମ୍ଭ ହୋଇଥିଲା । ଏହି ତ୍ରୟୋଦଶ ଅଗ୍ନିଓ୍ୱାରିୟର୍ ସଂସ୍କରଣରେ  ସିଙ୍ଗାପୁର ଆର୍ଟିଲାରୀର ୧୮୨ ଜଣ ଏବଂ ଭାରତୀୟ ସେନାର ୧୧୪ ଜଣ ଯବାନ ଅଂଶଗ୍ରହଣ କରିଥିଲେ । ଏହି ମିଳିତ ସମରାଭ୍ୟାସର ଲକ୍ଷ୍ୟ ରହିଛି ଦୁଇ ଦେଶ ମଧ୍ୟରେ ଥିବା ବୁଝାମଣାକୁ ଆହୁରି ସୁଦୃଢ଼ କରି ସାମରିକ କ୍ଷେତ୍ରକୁ ମଜବୁତ କରିବା । ଉଭୟ ଦେଶର ସେନା ପକ୍ଷରୁ ଆଧୁନିକ ଜ୍ଞାନକୌଶଳରେ ନିର୍ମିତ ଯୁଦ୍ଧାସ୍ତ୍ର ଗୁଡ଼ିକୁ କିଭଳି ଯୋଜନାବଦ୍ଧ ଭାବେ ପ୍ରୟୋଗ କରାଯାଇ ପାରିବ ସେଥିପାଇଁ ଏହି ସମରାଭ୍ୟାସର ଆୟୋଜନ କରାଯାଇଥିଲା । ଏଥିରେ ଦେଶର ଆର୍ଟିଲାରୀ ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ୍ ଆଦୋଶ କୁମାର, କମାଣ୍ଡାଣ୍ଟ ଏନ୍.ଏସ୍. ସାରନା ଏବଂ ସିଙ୍ଗାପୁରର ମୁଖ୍ୟ ଆର୍ଟିଲାରୀ ଅଧିକାରୀ କୋଲନେଲ୍ ଓଙ୍ଗ୍ ଚିଓ ପେରେଙ୍ଗ ଯୋଗ ଦେଇଥିଲେ । ଉଭୟ ଦେଶର ସେନାଙ୍କ ପକ୍ଷରୁ ପ୍ରଦର୍ଶିତ କରାଯାଇଥିବା ରଣନୈତିକ ପ୍ରଦର୍ଶନକୁ ଉପସ୍ଥିତ ଅଧିକାରୀମାନେ ପ୍ରଶଂସା କରିଥିଲେ ।

# ଅଶ୍ୱିନୀ ବୈଷ୍ଣବ

କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଦିନିକିଆ ଗୁଜରାଟ ଗସ୍ତରେ ଯାଇ ସୁରତର କିମ୍ ଠାରେ ବୁଲେଟ୍ ଟ୍ରେନ୍ ଟ୍ରାକ୍ ସ୍ଲାବ୍ ନିର୍ମାଣ ବ୍ୟବସ୍ଥା ତଦାରଖ କରି ଏହାର ସମୀକ୍ଷା କରିଛନ୍ତି । ଗଣମାଧମକୁ ସୂଚନା ଦେଇ ଶ୍ରୀ ବୈଷ୍ଣବ କହିଛନ୍ତି, ଦେଶର ଏହା ସବୁଠାରୁ ବୃହତ ଟ୍ରେନ୍ ଟ୍ରାକ୍ ସ୍ଲାବ୍ ନିର୍ମାଣ ବ୍ୟବସ୍ଥା ଭାବେ ପରିଗଣିତ ହେଉଛି ଏବଂ ଏହାର ବୈଷୟିକ ଜ୍ଞାନକୌଶଳ ପାଇଁ ବେଶ୍ ପରିଚିତ । କେନ୍ଦ୍ର ମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଦେଶର ବିଭିନ୍ନ ନିର୍ମାଣ ପ୍ରକଳ୍ପ ପାଇଁ ଏହି ବୁଲେଟ୍ ଟ୍ରେନ୍ ଟ୍ରାକ୍ ସ୍ଲାବ୍ ଯୋଜନା ଅନେକ ସୁବିଧା ଯୋଗାଇଦେବ ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ବୈଷ୍ଣବ ବଦୋଦରା ଜିଲ୍ଲାର ଲାଖୋଦ୍ରା ପ୍ଲେଜର୍ ଇଣ୍ଡିଆ ଫ୍ୟାକ୍ଟ୍ରି ମଧ୍ୟ ପରିଦର୍ଶନ କରିଥିଲେ ।

# ହରିଆଣା-ୱ୍ୱାର୍ଲ୍ଡ ଏଆଇ ସେଣ୍ଟର

ହରିଆଣା ମୁଖ୍ୟମନ୍ତ୍ରୀ ନାଏବ୍ ସିଂହ ସାଇନି କହିଛନ୍ତି, ବିଶ୍ୱବ୍ୟାଙ୍କ୍ ସହାୟତାରେ ଖୁବ୍ ଶୀଘ୍ର ରାଜ୍ୟରେ ବିଶ୍ୱ କୃତ୍ରିମ ବୁଦ୍ଧିମତା କେନ୍ଦ୍ର ପ୍ରତିଷ୍ଠା ହେବ । ଏହି କେନ୍ଦ୍ର ପ୍ରତିଷ୍ଠା ହେଲେ ଯୁବାମାନଙ୍କୁ ଏହା କୃତ୍ରିମ ବୁଦ୍ଧିମତା

ଏବଂ ଆଧୁନିକ ଜ୍ଞାନକୌଶଳ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ ସହାୟକ ହେବ । ଶ୍ରୀ ସାଇନି କହିଛନ୍ତି, ଏହାଦ୍ୱାରା ରାଜ୍ୟର ଯାନ୍ତ୍ରିକ କ୍ଷମତା ବୃଦ୍ଧି ପାଇବା ସହ ଡିଜିଟାଲ୍ ଅର୍ଥନୀତିରେ ଏହା ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବ । ଏହି ବ୍ୟବସ୍ଥା ଆରମ୍ଭ ହେବା ଦ୍ୱାରା ଆନ୍ତର୍ଜାତିକ ସ୍ତରରେ ହରିଆଣାର ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହେବା ସହ ଏହା ଗବେଷଣା ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ  ଅନେକ ନୂତନ ସମ୍ଭାବନା ସୃଷ୍ଟି କରିବ ।

## ସାଇକ୍ଲୋନ୍

ସାମୁଦ୍ରିକ ଝଡ଼ 'ପେଞ୍ଜାଲ୍' ଆଜି ସକାଳ ଠାରୁ ବଙ୍ଗୋପସାଗରର ଦକ୍ଷିଣ ପଶ୍ଚିମ ଦିଗରେ ଗତି କରି ଉତ୍ତର-ପଶ୍ଚିମ ଦିଗକୁ ଘଣ୍ଟା ପ୍ରତି ୧୫ କିଲୋମିଟରରୁ ହ୍ରାସ ପାଇ ୧୩ କିଲୋମିଟର ବେଗରେ ଗତି କରୁଛି । ଭାରତୀୟ ପାଣିପାଗ ବିଭାଗର ସଦ୍ୟତମ ସୂଚନା ଅନୁଯାୟୀ ପୁଡୁଚେରୀ ଠାରେ ଆଜି ରାତିରେ ଏହା ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି । ବର୍ତ୍ତମାନ ଏହି ସାମୁଦ୍ରିକ ଝଡ଼ ଚେନ୍ନାଇ ନିକଟ ୧୧୦ କିଲୋମିଟର ଏବଂ ପୁଡୁଚେରୀ ଠାରୁ ୧୨୦ କିଲୋମିଟର ଦୂରରେ ରହିଥିବା ସୂଚନା ମିଳିଛି । ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଡୁଚେରୀ ପ୍ରଶାସନ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଏହାକୁ ଦୃଷ୍ଟିରେ ରଖି ପୂର୍ବତଟ ସଡ଼କ ଏବଂ ଓଏମ୍ଆର୍ ସହଡ଼କରେ ଗାଡ଼ି ଚଳାଚଳ ବନ୍ଦ ରଖାଯାଇଛି । କେନ୍ଦ୍ର

ଚେନ୍ନାଇ ଠାରୁ ତିରୁପତି ପର୍ଯ୍ୟନ୍ତ ରେଳ ଚଳାଚଳ ବନ୍ଦ ରଖାଯାଇଥିବା ବେଳେ କୋଏମ୍ବାଟୁର୍, ମହିଶୁର, ମେଙ୍ଗାଲୁରୁ ଏବଂ ଲୋକମାନ୍ୟ ତୀଲକ ଏକ୍ସପ୍ରେସ୍ ଟ୍ରେନ୍‌କୁ ତିରୁଭାଲ ପର୍ଯ୍ୟନ୍ତ ଜାତାୟତ କରିବାକୁ ଅନୁମତି ମିଳିଛି । ୧୧ଟି ଟ୍ରେନ୍‌ର ସମୟ ଏବଂ ଗତିପଥ ପରିବର୍ତ୍ତନ କରାଯାଇଛି ।

ସୂଚନା ଅନୁଯାୟୀ, ଜଳାଶୟ ଗୁଡ଼ିକରେ ଜଳସ୍ତର ଦ୍ରୁତଗତିରେ ବୃଦ୍ଧି ପାଉଛି। ତଳିଆ ଅଞ୍ଚଳ ଗୁଡ଼ିକରେ କ୍ରମାଗତ ବର୍ଷା ଯୋଗୁଁ ପୁଣ୍ଡି, ଚୋଲାବରମ୍, ପୁଝାଲ୍, ବୀରନମ ଏବଂ କନ୍ନନକୋଟଇ ପ୍ରଭୃତି ଅଞ୍ଚଳରେ ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ଏଥିଯୋଗୁଁ ବିମାନସେବା ପ୍ରଭାବିତ ହୋଇଛି । ପବନର ବେଗ ଅଧିକ ଥିବାରୁ ଏବଂ ବର୍ଷା ଜଳ ଜମି ରହିବାରୁ ବିମାନ ବନ୍ଦରକୁ ଅସ୍ଥାୟୀ ଭାବେ ବନ୍ଦ ରଖାଯାଇଛି।

ସାମୁଦ୍ରିକ ଝଡ଼ 'ଫେଞ୍ଜାଲ'କୁ ଦୃଷ୍ଟିରେ ରଖି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ.ଷ୍ଟାଲିନ୍ ଆଜି ସ୍ଥିତିର ସମୀକ୍ଷା କରିଛନ୍ତି ।

## ପଞ୍ଜାବ-ବି.ଏସ୍.ଏଫ୍.

ପଞ୍ଜାବରେ ପାକିସ୍ତାନରୁ ବେଆଇନ୍ ଭାବେ ଚୋରା ଚାଲାଣ କରାଯାଉଥିବା ୨୪୫ଟି ଡ୍ରୋନ୍ ସମେତ ନିଶାଦ୍ରବ୍ୟ  ଏବଂ ଅସ୍ତ୍ରଶସ୍ତ୍ର ଆଦିକୁ ଚଳିତ ବର୍ଷ ଜବତ କରାଯାଇଛି । ଗତବର୍ଷ ତୁଳନାରେ ଏହି ବେଆଇନ୍ ଚୋରାଚାଲାଣ ଜବତ  ପରିମାଣ ଦ୍ୱିଗୁଣ ବୋଲି ଜଣାପଡ଼ିଛି । ତେବେ ଚଳିତ ବର୍ଷ ୨୫୪ କିଲୋଗ୍ରାମ ନିଶାଦ୍ରବ୍ୟ ଜବତ ହୋଇଥିବା

ବେଳେ ଗତବର୍ଷ ଏହା ୪୪୦ କିଲୋଗ୍ରାମ ଥିବା ଜଣାପଡ଼ିଛି । ସୀମାନ୍ତ ଅଞ୍ଚଳରେ ବି.ଏସ୍.ଏଫ୍.ର କଡ଼ା ସୁରକ୍ଷା ବ୍ୟବସ୍ଥା ତଥା ପଇଁତରା ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ସୂଚନା ମିଳିଛି । ପଞ୍ଜାବ ସୀମାନ୍ତ ଅଞ୍ଚଳରେ ୩୪ ଜଣ ଜଣ ପାକିସ୍ତାନ ଅନୁପ୍ରବେଶକାରୀ ତଥା ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ବି.ଏସ୍.ଏଫ୍. ଅଟକ ରଖା ଯାଇଛି । ସେହିପରି ପଞ୍ଜାବର ବିଭିନ୍ନ ସୀମାନ୍ତ ଜିଲ୍ଲା ଅଞ୍ଚଳରୁ ୯୪ ଜଣ ଭାରତୀୟ ନିଶାଦ୍ରବ୍ୟ ଚୋରା ଚାଲାଣକାରୀଙ୍କୁ ବି.ଏସ୍.ଏଫ୍. ଗିରଫ୍ କରିଛି ।

## କ୍ରିକେଟ

ଦୁବାଇ ଆନ୍ତର୍ଜାତିକ ଷ୍ଟାଡିୟମରେ ୧୯ ବର୍ଷରୁ କମ୍ ଏସିଆ କପ୍ ଏକଦିବସୀୟ କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ଏ ମ୍ୟାଚ୍‌ରେ ପାକିସ୍ତାନ ଭାରତକୁ ୪୩ ରନ୍‌ରେ ପରାସ୍ତ କରିଛି । ଟସ୍ ଜିତି ପାକିସ୍ତାନ ପ୍ରଥମେ ବ୍ୟାଟିଂ କରିକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୫୦ ଓଭରରେ ୭ ଓ୍ୱିକେଟ୍ ହରାଇ ୨୮୧ରନ୍ କରିଥିଲା ।

ଜବାବରେ ଭାରତ ୪୭ ଓଭର ଗୋଟିଏ ବଲ୍‌ରେ ୨୩୮ରନ୍ କରି ଅଲ୍‌ଆଉଟ୍ ହୋଇଥିଲା । ପାକିସ୍ତାନ ପକ୍ଷରୁ ସେହେଜାବ୍ ଖାନ୍ ୧୪୭ ବଲ୍‌ରେ ୧୫୯ରନ୍ ସଂଗ୍ରହ କରିଥିବା ବେଳେ ଅଲି ରାଜା ତିନୋଟି ଓ୍ୱିକେଟ୍ ହାସଲ କରିଥିଲେ । ଭାରତ ପକ୍ଷରୁ ନିଖିଲ କୁମାର ସର୍ବାଧିକ

୬୭ରନ୍ କରିବାକୁ ସକ୍ଷମ ହୋଇଥିଲେ । ପାକିସ୍ତାନର ସେହେବାଜ୍ ଖାନ୍ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଛି ।